# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15th May - 2025**

**************************************

***BBSR/R***

## ରାଜ୍ୟ କ୍ୟାବିନେଟ୍

ଚଳିତ ଶିକ୍ଷାବର୍ଷରୁ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ୧୧ ଦଶମିକ ୨/୫ ସଂରକ୍ଷଣ ଲାଗୁ କରାଯିବା ନେଇ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ବୈଠକରେ ୬ଟି ପ୍ରସ୍ତାବ ପାରିତ ହେବା ସହିତ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ - ଏସ୍.ଇ.ବି.ସି. ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଲାଗୁ କରିବାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

***Voice*** :........

ମମତା ଓ ମାତୃବନ୍ଦନା ଯୋଜନାକୁ ମିଳିତ ଭାବେ କାର୍ଯ୍ୟକାରୀ କରିବା ସହ ସହାୟତା ରାଶି ବୃଦ୍ଧି କରିବାକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛନ୍ତି । ଏହି ଯୋଜନାପାଇଁ ୫ ବର୍ଷକୁ ୨ ହଜାର ୬୭୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ।

କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପାଇଁ ୪୦ ଏକର ୧୯୭ ଡିସିମିଲ୍ ଜମି ଲିଜ୍‌ସୂତ୍ରରେ ପ୍ରଦାନ କରାଯିବ ।

ଓଡ଼ିଶା ଆଇ.ଟି.ଆଇ. ପ୍ରଶିକ୍ଷକ ସେବା ନିୟମାବଳୀରେ ସଂଶୋଧନ କରାଯିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି ।

ବିଭିନ୍ନ ପଦବିରେ ଥିବା ଶାରୀରିକ ମାପ ଓ ଦକ୍ଷତା ପରୀକ୍ଷାପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ-୨୦୨୨ରେ ସଂଶୋଧନ ପାଇଁ ନିଷ୍ପତ୍ତି ହୋଇଛି ।

ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ବ୍ଲକ୍ ଅଁଳାବେଣୀ ଗ୍ରାମ ଖଇରିବନ୍ଧ ନଦୀ ଉପରେ ୯୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାରେଜ୍ ପ୍ରକଳ୍ପକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଦ୍ୱାରା ୪୭ଟି ଗ୍ରାମର ୬ ହଜାର ୯୫୦ ହେକ୍ଟର ଚାଷଜମି ଜଳସେଚିତ ହେବ ।

***Desk***

# ଶିକ୍ଷକ ବଦଳି ପ୍ରକ୍ରିୟା

ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ରର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ର ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟା କ୍ୟାଲେଣ୍ଡର ପ୍ରକାଶ ପାଇଛି । ବଦଳି ପ୍ରକ୍ରିୟାପାଇଁ ଆଜିଠାରୁ ଆବେଦନ ଆରମ୍ଭ ହେଉଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ସୂଚନା ଅନୁସାରେ, ଆସନ୍ତା ମାସ ୧୧ ତାରିଖ ଦିନ ଯୋଗ୍ୟ ବିବେଚିତ ଶିକ୍ଷକମାନଙ୍କର ବଦଳି ତାଲିକା ପ୍ରକାଶ ପାଇବ ଏବଂ ୧୩ ତାରିଖ ଦିନ ବଦଳି ନିର୍ଦ୍ଦେଶ ବାହାରିବ । ଅନ୍ୟପକ୍ଷରେ ଯେଉଁ ସ୍କୁଲ୍‌ଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଛନ୍ତି, ସେମାନଙ୍କ ତାଲିକା ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇବ ଏବଂ ଆସନ୍ତା ଜୁନ୍ ମାସ

୩୦ ତାରିଖ ସୁଦ୍ଧା ସେମାନଙ୍କର ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Cuttack/R***

## ରାଜ୍ୟପାଳ - କଟକ ଗସ୍ତ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଜି କଟକ ଗସ୍ତରେ ଆସି ସକାଳ ୮ଟାରେ ନେତାଜୀ ସ୍ମାରକୀ ପ୍ରବେଶପଥଠାରେ ପରାକ୍ରମ ଶୋଭାଯାତ୍ରା ଓ ତ୍ରିରଙ୍ଗା ର୍ୟାଲିର ଉଦ୍‌ଘାଟନ କରିବେ । ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟପାଳ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉଭୟ ସହରାଞ୍ଚଳ ଓ ଗ୍ରାମୀଣ ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି ।

***Desk***

# ରବିଧାନ ସଂଗ୍ରହ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତକାଲିଠାରୁ ରବିଧାନ ସଂଗ୍ରହ ଆରମ୍ଭ ହୋଇଛି । ଧାନକିଣାଠାରୁ ଆରମ୍ଭ କରି ଚାଷୀମାନଙ୍କର ଅଭିଯୋଗ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧାନବିକିବା ନେଇ କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନମ୍ବର ୧୯୬୭ ମାଧ୍ୟମରେ ଫୋନ୍ କରି ଚାଷୀମାନ ଆପତ୍ତି ଅଭିଯୋଗ ଜଣାଇପାରିବେ ।

***Bhadrak/R***

# ବିପର୍ଯ୍ୟୟ ବୈଠକ

ଭଦ୍ରକ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମୁଦ୍ର ଉପକୂଳବର୍ତ୍ତୀ ଚାନ୍ଦବାଲି, ଧାମନଗର, ବାସୁଦେବପୁର, ଧାମରା ପ୍ରମୁଖ ସ୍ଥାନରେ ବନ୍ୟା ନିୟନ୍ତ୍ରଣ, ଲୁଣାପାଣି ରୋକାଯିବା, ଆଗୁଆ ବନ୍ଧବାଡ଼ ନିର୍ମାଣ, ଅଚଳ ନଳକୂପ ମରାମତି କରାଯିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# କେବୁଲ୍ ଲ୍ୟାଣ୍ଡିଂ ପ୍ରସ୍ତୁତି

ପୁରୀରେ କେବୁଲ୍ ଲାଣ୍ଡିଂ ଷ୍ଟେସନ୍ ପ୍ରତିଷ୍ଠାପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ନିର୍ଦ୍ଦେଶ ପରେ ଡି.ପି.ଆର୍. ପ୍ରସ୍ତୁତି ଆରମ୍ଭ ହୋଇଛି । ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ ହେବା ପରେ ଇଲେକ୍ଟ୍ରୋନିକ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ପ୍ରକଳ୍ପ ଅନୁମୋଦନ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ କରାଯିବ । ୩ ବର୍ଷ ମଧ୍ୟରେ କେବୁଲ୍ ଲ୍ୟାଣ୍ଡିଂ ଷ୍ଟେସନ୍ କାର୍ଯ୍ୟକ୍ଷମ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି କେବୁଲ୍ ଲ୍ୟାଣ୍ଡିଂ ଷ୍ଟେସନ ପ୍ରତିଷ୍ଠା ହେଲେ ବିଦେଶରୁ ଫାଇବର ସଂଯୋଗ ଜରିଆରେ ରାଜ୍ୟରେ ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ ।

*Desk*

# ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ପ୍ରତିଯୋଗିତାରେ  ଗତକାଲି ୧୮ ବର୍ଷରୁ କମ୍ ବାଳକ ଫୁଟ୍‌ବଲ୍ ବର୍ଗରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି । ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଝାଡ଼ଖଣ୍ଡଠାରୁ ୪-୫ ଗୋଲ୍ ବ୍ୟବଧାନରେ ପରାସ୍ତ ହୋଇ ରନର୍ସ ଅପ୍ ହୋଇଥିବାରୁ ରୌପ୍ୟ ପଦକ ବିଜୟୀ ହୋଇଛି ।

*Desk*

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ରବିବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ଝଡ଼ତୋଫାନ, ବର୍ଷାର ସମ୍ଭାବନା ରହିଛି । ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ କାଳବୈଶାଖୀର ପ୍ରଭାବରେ ଝଡ଼ତୋଫାନ ସହିତ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଅଛି । ବଜ୍ରପାତ ଯୋଗୁଁ ଗତକାଲି ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ହୋଇଛି ।

*****